ଶତ୍ରୁଘ୍ନ ପ୍ରସାଦ ସିହ୍ନା

ବନାମ

ରାଜଭାଉ ସୁରଜମଲ ରଥୀ ଏବଂ ଅନ୍ୟମାନେ ।

ସେପ୍ଟେମ୍ବର 10,1996

[କେ. ରାମାସ୍ୱାମୀ, ଫୈଜାନ ଉଦ୍ଦୀନ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଗଣ]

*ଭାରତୀୟ ଦଣ୍ଡ ସଂହିତା, 1860:*

*ଧାରା 34 ସହିତ 295-A, 499,500—ମାନହାନି—ଏକ ଚଳଚ୍ଚିତ୍ର ପତ୍ରିକାରେ ସାକ୍ଷାତକାର--ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ବିରୁଦ୍ଧରେ ଆବେଦନକାରୀଙ୍କ ବିବୃତି ଦେବା—ଏହି ସମ୍ପ୍ରଦାୟର ଧାର୍ମିକ ଭାବନାକୁ ଆଘାତ ଦେବା ଉଦ୍ଦେଶ୍ୟରେ ଏବଂ ଜାଣିଶୁଣି ଏବଂ ମନ୍ଦ ଉଦ୍ଦେଶ୍ୟ ରଖି ଏପରି କରାଯାଇଥିବା ଅଭିଯୋଗ ହୋଇଛି—ଅଭିଯୋଗ—ଦଣ୍ଡାଧିକାରୀଙ୍କ ସଜ୍ଞାନ ଗ୍ରହଣ କରିବା ଏବଂ ଆବେଦନକାରୀଙ୍କୁ ବିଜ୍ଞପ୍ତି ଜାରି କରିବା—ଉଚ୍ଚ ନ୍ୟାୟାଳୟରେ ହୋଇଥିବା ଆପତ୍ତିରେ ଦର୍ଶାଯାଇଛି ଯେ, ଧାରା 295-A ଅନୁଯାୟୀ କୌଣସି ଅପରାଧ ହୋଇନାହିଁ, କିନ୍ତୁ ଏହି ଅଭିଯୋଗଗୁଡ଼ିକ ସିଧାସଳଖ ଭାବେ ଦଣ୍ଡାଧିକାରୀଙ୍କ ଦ୍ୱାରା ଧାରା 500 ଅନୁଯାୟୀ ପ୍ରଥମ ଦୃଷ୍ଟିଗତ ଅପରାଧ ଅଟେ—ଆବେଦନରେ ଦର୍ଶାଯାଇଥିଲା ଯେ, ଅଭିଯୋଗଗୁଡ଼ିକରେ ଧାରା 295A ଅନୁଯାୟୀ ଅପରାଧର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ନାହିଁ—ନ୍ୟାୟିକ ଦଣ୍ଡାଧିକାରୀ ପୁଣେଙ୍କ ନିକଟରେ ଦାଖଲ ହୋଇଥିବା ଅଭିଯୋଗରେ ଧାରା 500 ଅନୁଯାୟୀ ଦଣ୍ଡନୀୟ ମାନହାନି ଅପରାଧର ଅଭିଯୋଗ ନାହିଁ—ତେଣୁ ଏହି ଅଭିଯୋଗକୁ ନାକଚ କରାଗଲା—ନ୍ୟାୟିକ ଦଣ୍ଡାଧିକାରୀ ନାସିକଙ୍କ ନିକଟରେ ଅଭିଯୋଗ ଦାଖଲ କରାଗଲା—ଉଚ୍ଚ ନ୍ୟାୟାଳୟ ଧାରା 500 ଅଧୀନରେ ଅଭିଯୋଗକୁ ନାକଚ କରିବା ପାଇଁ ପ୍ରତ୍ୟାଖ୍ୟାନ କରି ଠିକ କରିଛନ୍ତି ।*

ଫୌଜଦାରୀ ଆବେଦନ କ୍ଷେତ୍ରାଧିକାରିତା : ଫୌଜଦାରୀ ଆବେଦନ ସଂଖ୍ୟା 1696/1996 ।

ସି ଆର୍ ଏଲ୍ ଡବ୍ଲ୍ୟୁ. ପି. ସଂଖ୍ୟା 1545/1990 ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର 21.1.91 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ଇନ୍ଦ୍ରଜିତ ରାୟ, ପି.ଏନ୍. ମିଶ୍ର ।

ଉତ୍ତରଦାତାମାନଙ୍କ ସୁଶୀଲ କୁମାର ଜୈନ, (ଏ.ସି.) ଏବଂ ସୁଶ୍ରୀ ପ୍ରତିଭା ଜୈନ ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

ଅନୁମତି ପ୍ରଦାନ କରାଗଲା ।

ଯଦିଓ ଉତ୍ତରଦାତାମାନଙ୍କୁ ଠିକ୍ ଭାବରେ ଜାରି କରାଯାଇଥିଲା ଏବଂ କେତେକ ଥର ବ୍ୟକ୍ତିଗତ ଭାବରେ ହାଜର କରାଯାଇଥିଲା, ପରବର୍ତ୍ତୀ ସମୟରେ ସେମାନେ ଉପସ୍ଥିତ ହୋଇନଥିଲେ । ଫଳସ୍ୱରୂପ, ଆମେ ନ୍ୟାୟାଳୟକୁ ନ୍ୟାୟ ମିତ୍ର ଭାବରେ ସହାୟତା କରିବା ପାଇଁ ଅଧିବକ୍ତା ମଣ୍ଡଳୀର ଶ୍ରୀ ସୁଶୀଲ କୁମାର ଜୈନଙ୍କୁ ଅନୁରୋଧ କଲୁ । ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମୂଲ୍ୟବାନ ସହାୟତା ପାଇଁ ଆମେ ଆମର ଗଭୀର କୃତଜ୍ଞତା ଲିପିବଦ୍ଧ କରିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଟି, ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାନୁଆରୀ 21, 1991 ରେ ସି ଆର୍ ଏଲ୍. ରିଟ୍ ଆବେଦନ ସଂଖ୍ୟା 1545/1990 ରେ ଦିଆଯାଇଥିବା ରାୟ ଏବଂ ଆଦେଶରୁ ଉତ୍ପନ୍ନ ହୋଇଛି । ଏହି ମାମଲାର ଉଦ୍ଦେଶ୍ୟ ପାଇଁ ପ୍ରାସଙ୍ଗିକ ତଥ୍ୟ ଏବଂ ଆମେ ଏହାର ଆଧାରରେ ଆଗକୁ ବଢୁଛୁ ଯେ, ପୁଣେ ଏବଂ ନାସିକର ଦଣ୍ଡାଧିକାରୀଙ୍କ ନ୍ୟାୟାଳୟରେ ଉତ୍ତରଦାତାମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗରେ ଆରୋପ କରାଯାଇଥିଲା; ଆମେ ସେହି ଅଭିଯୋଗଗୁଡ଼ିକର ଫଏସଲା କରୁଛୁ କାରଣ ସେଗୁଡ଼ିକ ଅପରାଧ ଗଠନ କରେ ଯାହା ପାଇଁ ନ୍ୟାୟିକ ଦଣ୍ଡାଧିକାରୀ, ପ୍ରଥମ ଶ୍ରେଣୀ, ସଜ୍ଞାନ ନେଇପାରିବେ । ଅନୁଚ୍ଛେଦ 2ରେ ବର୍ଣ୍ଣନା କରାଯାଇଛି ଯେ, ଅଭିଯୋଗକାରୀ-ଉତ୍ତରଦାତା ମାରୱାଡ଼ି ସମ୍ପ୍ରଦାୟର ଜଣେ ସାମାଜିକ କାର୍ଯ୍ୟକର୍ତ୍ତା ଥିଲେ, ଏବଂ ଉତ୍ତରଦାତା-ଦ୍ୱିତୀୟ ଅଭିଯୁକ୍ତ ଯଥାକ୍ରମେ ଷ୍ଟାରଡଷ୍ଟ, ଚଳଚିତ୍ର ପତ୍ରିକାର ସମ୍ପାଦକ ଏବଂ ପ୍ରକାଶକ ଅଟନ୍ତି । ଜୁନ୍ 1989ରେ ଆବେଦନକାରୀଙ୍କ ସହ ତାଙ୍କର ଏକ ସାକ୍ଷାତକାର ସେହି ପତ୍ରିକାର ପୃଷ୍ଠା 82ରେ ପ୍ରକାଶିତ ହୋଇଥିଲା । ସାକ୍ଷାତକାର ସମୟରେ ଆବେଦନକାରୀ, ମାରୱାଡ଼ି ସଂପ୍ରଦାୟର ଧାର୍ମିକ ଭାବନାକୁ ଆଘାତ କରୁଥିବା ବିବୃତି ଦେଇଥିବା ଏବଂ ଏକ ଶ୍ରେଣୀ ଭାବେ ମାରୱାଡ଼ି ସଂପ୍ରଦାୟର ସଦସ୍ୟମାନଙ୍କୁ ବଦନାମ କରିଥିବା ଅଭିଯୋଗ ହୋଇଥିଲା । ପୁଣେରେ ଦାଖଲ କରାଯାଇଥିବା ଅଭିଯୋଗରେ, ସେ ଯାହା କହିଛନ୍ତି ତାହା ନିମ୍ନଲିଖିତ ଅଟେ:

> "ଅଭିଯୋଗକାରୀ ଉପସ୍ଥାପନ କରିଛନ୍ତି ଯେ, ଜୁନ୍ 89 ରେ ଅଭିଯୁକ୍ତ ସଂଖ୍ୟା 1, ମାରୱାଡ଼ି ସମ୍ପ୍ରଦାୟର ଧାର୍ମିକ ଭାବନାକୁ ଆଘାତ ଦେବା ପାଇଁ ଜାଣିଶୁଣି ଏବଂ ମନ୍ଦ ଉଦ୍ଦେଶ୍ୟ ରଖି ଉକ୍ତ ବିବୃତି ଦେଇଥିଲେ । "ଅଭିଯୁକ୍ତ ସଂଖ୍ୟା-1ଙ୍କ ବୟାନ ଦ୍ୱାରା ଜାତୀୟ ଅଖଣ୍ଡତାର ଢାଞ୍ଚା ଅଚଳ ହୋଇପଡ଼ିଛି । ଅଭିଯୁକ୍ତ ସଂଖ୍ୟା 1ଙ୍କ ଦ୍ୱାରା ଦିଆଯାଇଥିବା ବୟାନ ଦ୍ୱାରା ମାରୱାଡ଼ି ସମ୍ପ୍ରଦାୟର ଭାବନା ମଧ୍ୟ ଆଘାତ ପାଉଛି । ଅଭିଯୁକ୍ତ ସଂଖ୍ୟା 1 ଙ୍କର ବୟାନ ଦର୍ଶାଉଛି ଯେ, ମାରୱାଡ଼ି ସମ୍ପ୍ରଦାୟ ଭାରତର ଏକ ଶ୍ରେଣୀ ନୁହେଁ ଏବଂ ସେମାନଙ୍କର ନିଜ ମାତୃଭୂମି ଭାରତ ପ୍ରତି ଆସ୍ଥା

ଏବଂ ପ୍ରେମ ନାହିଁ । ଉକ୍ତ ବିବୃତିରୁ ଏହା ସୂଚିତ ହୋଇଛି ଯେ, ମାରୱାଡ଼ିମାନେ ଭାରତର ଦେଶଦ୍ରୋହୀ ଏବଂ ଶତ୍ରୁ ଅଟନ୍ତି । ତେଣୁ ଅଭିଯୁକ୍ତ ସଂଖ୍ୟା 2, ମଧ୍ୟ ମାରୱାଡ଼ି ସମ୍ପ୍ରଦାୟର ଧାର୍ମିକ ଭାବନାକୁ ଆଘାତ ଦେବା ପାଇଁ ଜାଣିଶୁଣି ଏବଂ ମନ୍ଦ ଉଦ୍ଦେଶ୍ୟ ରଖି 1949 ମସିହାର 'ଷ୍ଟାର ଡଷ୍ଟ' ପତ୍ରିକାରେ ଉକ୍ତ ବିବୃତିକୁ ମୁଦ୍ରଣ ଏବଂ ପ୍ରକାଶ କରିଛନ୍ତି ।

ଅବଶିଷ୍ଟ ସମସ୍ତ ଅନୁଚ୍ଛେଦ କେବଳ ଅନୁଚ୍ଛେଦ 3ରେ ଦିଆଯାଇଥିବା ଅଭିଯୋଗର ପରିଣାମାତ୍ମକ ବର୍ଣ୍ଣନା ଅଟେ । ଉତ୍ତରଦାତାଙ୍କ ଅନୁଯାୟୀ, ଏହି ଅଭିଯୋଗ ଭାରତୀୟ ଦଣ୍ଡ ସଂହିତା (ସଂକ୍ଷେପରେ, ଆଇପିସି) ର ଧାରା 295-A ଏବଂ ଧାରା 34 ସହ ଧାରା 500 ଅନୁଯାୟୀ ଦଣ୍ଡନୀୟ ଅପରାଧ । ଦଣ୍ଡାଧିକାରୀ ଏହାର ସଂଜ୍ଞାନ ଗ୍ରହଣ କରିଥିଲେ ଏବଂ ଆବେଦନକାରୀଙ୍କୁ ଉପସ୍ଥିତି ହେବା ପାଇଁ ସୂଚନା ଜାରି କରିଥିଲେ । ଯେତେବେଳେ ଆଜ୍ଞାଦେଶ ଆବେଦନରେ ଏହାକୁ ଆପତ୍ତି କରାଯାଇଥିଲା, ସେତେବେଳେ ଉଚ୍ଚ ନ୍ୟାୟାଳୟଙ୍କର ବିଜ୍ଞ ଏକକ ବିଚାରପତି କହିଥିଲେ ଯେ, ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବରେ ପଢ଼ିବା ପରେ, ଧାରା 295A ଅନୁଯାୟୀ କୌଣସି ଅପରାଧ ପ୍ରମାଣିତ ହୋଇପାରିବ ନାହିଁ; ତଥାପି, ଅଭିଯୋଗଗୁଡ଼ିକ ପ୍ରଥମ ଦୃଷ୍ଟିଗତରେ ଅପରାଧ ଭାବରେ ଗଣାଯାଏ ଯାହା ଦଣ୍ଡାଧିକାରୀଙ୍କ ଦ୍ୱାରା ଆଇପିସିର ଧାରା 500,  ଅନୁଯାୟୀ ବିଚାରଯୋଗ୍ୟ ଅଟେ । ତେଣୁ, ଏହି ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ ।

ଆଇପିସିର ଧାରା 295-A ଦଣ୍ଡର ଅତ୍ୟାବଶ୍ୟକୀୟ ଉପାଦାନଗୁଡ଼ିକୁ କଳ୍ପନା କରିଛି ଏବଂ ବ୍ୟବସ୍ଥା କରିଛି ଯେ, କେହି ଭାରତର ଯେକୌଣସି ବର୍ଗର ନାଗରିକଙ୍କ ଧାର୍ମିକ ଭାବନାକୁ ଆଘାତ ଦେବାର ଉଦ୍ଦେଶ୍ୟମୂଳକ ଏବଂ ମନ୍ଦ ଉଦ୍ଦେଶ୍ୟ ରଖି, ଶବ୍ଦ ଦ୍ୱାରା, କଥିତ କିମ୍ବା ଲିଖିତ ଭାବରେ, କିମ୍ବା ସଙ୍କେତ ଦ୍ୱାରା କିମ୍ବା ଦୃଶ୍ୟମାନ ଉପସ୍ଥାପନା ଦ୍ୱାରା କିମ୍ବା ଅନ୍ୟଥା, ସେହି ବର୍ଗର ଧର୍ମ କିମ୍ବା ଧାର୍ମିକ ବିଶ୍ୱାସକୁ ଅପମାନିତ କରେ କିମ୍ବା ଅପମାନ କରିବାକୁ ଚେଷ୍ଟା କରେ, ତାଙ୍କୁ ତିନି ବର୍ଷ ପର୍ଯ୍ୟନ୍ତ ଯେକୌଣସି ପ୍ରକାରର କାରାଦଣ୍ଡ କିମ୍ବା ଜୋରିମାନା କିମ୍ବା ଉଭୟ ଦ୍ୱାରା ଦଣ୍ଡିତ କରାଯିବ । ଉଦ୍ଧୃତ ଅନୁଚ୍ଛେଦରେ ଅପରାଧ ଗଠନ କରିବାକୁ ଆବଶ୍ୟକୀୟ ତଥ୍ୟଗୁଡ଼ିକ ସମ୍ମିଳିତ ନାହିଁ ।

ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1908ର ଧାରା 200 (ସଂକ୍ଷେପରେ, ସିଆର୍. ପି. ସି.) ଅଧ୍ୟାୟ XV ରେ  ନିମ୍ନମତେ ପ୍ରଦାନ କରାଯାଇଛି:

"ଅଭିଯୋଗ ଉପରେ ଅପରାଧର ବିଚାର କରୁଥିବା ଜଣେ ଦଣ୍ଡାଧିକାରୀ, ଅଭିଯୋଗକାରୀ ଏବଂ ଉପସ୍ଥିତ ସାକ୍ଷୀମାନଙ୍କୁ, ଯଦି କିଛି ଥାଆନ୍ତି, ଶପଥ ଉପରେ ଯାଞ୍ଚ କରିବେ ଏବଂ ଏପରି ଯାଞ୍ଚର ସାରାଂଶ ଲିଖିତ ରୂପରେ ରହିବ ଏବଂ ଅଭିଯୋଗକାରୀ ଏବଂ ସାକ୍ଷୀମାନଙ୍କ ଦ୍ୱାରା ସ୍ୱାକ୍ଷରିତ

ହେବ, ଏବଂ ଦଣ୍ଡାଧିକାରୀ ମଧ୍ୟ ଏହା ଉପରେ ସ୍ୱାକ୍ଷର କରିବେ, କିନ୍ତୁ ଯେତେବେଳେ ଅଭିଯୋଗ ଲିଖିତ ଭାବରେ କରାଯାଏ, ଦଣ୍ଡାଧିକାରୀ ଅଭିଯୋଗକାରୀ ଏବଂ ସାକ୍ଷୀମାନଙ୍କୁ ଯାଞ୍ଚ କରିବାର ଆବଶ୍ୟକତା ନାହିଁ ।"

ଉଚ୍ଚ ନ୍ୟାୟାଳୟ ଧାରା 190 (1) (a) ଅନୁଯାୟୀ କୌଣସି ଅପରାଧକୁ ବିଚାରକୁ ନେଇପାରନ୍ତି, ଯେତେବେଳେ ତଥ୍ୟ ସମ୍ବଳିତ ଅଭିଯୋଗ ଗ୍ରହଣ କରନ୍ତି ଯାହା ଏପରି ଅପରାଧ ଗଠନ କରେ । ଏହା ବିବେଚନାର ବିଷୟ ଅଟେ । ଏହି ଅପରାଧକୁ ସଜ୍ଞାନକୁ ନେଇ ଦଣ୍ଡାଧିକାରୀଙ୍କ ଦ୍ୱାରା ଫୌଜଦାରୀ କାର୍ଯ୍ୟବିଧି ଆରମ୍ଭ କରାଯାଇଥାଏ । ଅପରାଧକୁ ସଜ୍ଞାନ ନେବା ମଧ୍ୟରେ ଦଣ୍ଡାଧିକାରୀଙ୍କ ଉଦ୍ଦେଶ୍ୟ ଅନ୍ତର୍ଭୁକ୍ତ ହେବ ଯେ, ସେମାନେ ଅପରାଧୀଙ୍କ ବିରୁଦ୍ଧରେ ସେହି ଅପରାଧ ସମ୍ପର୍କରେ ନ୍ୟାୟିକ କାର୍ଯ୍ୟବିଧି ଆରମ୍ଭ କରିବେ କିମ୍ବା ନ୍ୟାୟିକ କାର୍ଯ୍ୟବିଧି ଆରମ୍ଭ କରିବାର କୌଣସି ଆଧାର ଅଛି କି ନାହିଁ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ପଦକ୍ଷେପ ନେବେ ।

ତେଣୁ ଦେଖାଯିବ ଯେ, ଦଣ୍ଡାଧିକାରୀ ଅଭିଯୋଗ ଉପରେ ଅପରାଧର ସଜ୍ଞାନ ଗ୍ରହଣ କରିବା ତଥା ଅନ୍ୟ ପଦକ୍ଷେପ ନେବା ପୂର୍ବରୁ, ଯେତେବେଳେ ଦଣ୍ଡାଧିକାରୀଙ୍କ ସମ୍ମୁଖରେ ଏକ ବ୍ୟକ୍ତିଗତ ଅଭିଯୋଗ କରାଯାଏ, ସେତେବେଳେ ଅଭିଯୋଗରେ ସମସ୍ତ ଆବଶ୍ୟକୀୟ ତଥ୍ୟ ରହିବା ଆବଶ୍ୟକ, ଯାହା ପାଇଁ ଅଭିଯୋଗ ଆଗତ ହୋଇଥିଲା, ଯାହା ଦ୍ୱାରା ଦଣ୍ଡାଧିକାରୀ, ପ୍ରକ୍ରିୟା ଇତ୍ୟାଦି ଜାରି କରି ଅପରାଧର ସଜ୍ଞାନ ନେବା ପରେ ପରବର୍ତ୍ତୀ ପଦକ୍ଷେପ ନେବାରେ ଆଗକୁ ଅଗ୍ରସର ହୋଇପାରିବେ । ଅଭିଯୋଗର ଅନୁଚ୍ଛେଦ 3 ର ପଠନରୁ ଏହା ଦେଖାଯାଏ, ଯାହା ଅପରାଧର ସଜ୍ଞାନ ଗ୍ରହଣ କରିବାର ମୂଳଦୁଆ, ଅଭିଯୋଗକାରୀ-ଉତ୍ତରଦାତା ମୁଖ୍ୟତଃ ଆଇ ପି ସି ର ଧାରା 295A ଅନୁଯାୟୀ ଦଣ୍ଡନୀୟ ଅପରାଧ ଉପରେ ଧ୍ୟାନ ଦେଇଛନ୍ତି; ଉଚ୍ଚ ନ୍ୟାୟାଳୟ ଉକ୍ତ ଅଭିଯୋଗକୁ ନାକଚ କରିଥିଲେ ଏବଂ ଏହି ନ୍ୟାୟାଳୟରେ କୌଣସି ଆବେଦନ ଦାଖଲ କରାଯାଇନାହିଁ ।

ପରବର୍ତ୍ତୀ ପ୍ରଶ୍ନଟି ହେଉଛି, ଆଇପିସି ର ଧାରା 500 ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଭିଯୋଗ ପ୍ରକାଶ କରେ ବୋଲି ବିଜ୍ଞ ବିଚାରପତିଙ୍କ ରାୟ ଠିକ୍ ଥିଲା କି ? ଧାରା 499 'ମାନହାନି'କୁ ଏହିପରି ପରିଭାଷିତ କରେ:

"ଯେଉଁ ବ୍ୟକ୍ତି କଥିତ କିମ୍ବା ପଠନ ପାଇଁ ଉଦ୍ଦିଷ୍ଟ ଶବ୍ଦ ଦ୍ୱାରା, କିମ୍ବା ସଙ୍କେତ ଦ୍ୱାରା କିମ୍ବା ଦୃଶ୍ୟମାନ ଉପସ୍ଥାପନା ଦ୍ୱାରା, କ୍ଷତି କରିବାକୁ ଚାହୁଁଥିବା କୌଣସି ବ୍ୟକ୍ତିଙ୍କ ବିଷୟରେ କୌଣସି ଅଭିଯୋଗ କରନ୍ତି କିମ୍ବା ପ୍ରକାଶ କରନ୍ତି, କିମ୍ବା ଏପରି ଅଭିଯୋଗ କ୍ଷତି କରିବ ବୋଲି ଜାଣି କିମ୍ବା ବିଶ୍ୱାସ

କରିବାର କାରଣ ରଖନ୍ତି, ଏପରି ବ୍ୟକ୍ତିଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବ ବୋଲି କୁହାଯାଏ, ଏହା ପରେ ବାଦ ଦିଆଯାଇଥିବା ପରିସ୍ଥିତି ବ୍ୟତୀତ, ସେହି ବ୍ୟକ୍ତିଙ୍କୁ ବଦନାମ କରିବା ପାଇଁ କୁହାଯାଏ"।

ଉକ୍ତ ଧାରାରେ ବ୍ୟାଖ୍ୟା 2 ର କଳ୍ପନା କରାଯାଇଛି ଯେ, କୌଣସି କମ୍ପାନୀ କିମ୍ବା ଏକ ସଂଘ କିମ୍ବା ବ୍ୟକ୍ତିଙ୍କ ସଂଗ୍ରହ ସମ୍ପର୍କରେ ଅଭିଯୋଗ ଆଣିବା ମାନହାନି ହୋଇପାରେ ।

ବ୍ୟାଖ୍ୟା 4 ରେ କୁହାଯାଇଛି ଯେ, କୌଣସି ଅଭିଯୋଗ ଜଣେ ବ୍ୟକ୍ତିଙ୍କ ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଇବ ବୋଲି କୁହାଯାଇପାରିବ ନାହିଁ, ଯେପର୍ଯ୍ୟନ୍ତ ଅନ୍ୟମାନଙ୍କ ଆକଳନରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ସେହି ଅଭିଯୋଗ ସେହି ବ୍ୟକ୍ତିଙ୍କ ନୈତିକ କିମ୍ବା ବୌଦ୍ଧିକ ସମ୍ପର୍କିତ ଚରିତ୍ରକୁ ଅବମୂଲ୍ୟନ କରେ, କିମ୍ବା ତାଙ୍କ ଜାତି କିମ୍ବା ତାଙ୍କ ପେଶା ଦୃଷ୍ଟିରୁ ସେହି ବ୍ୟକ୍ତିଙ୍କ ଚରିତ୍ରକୁ ଅବମୂଲ୍ୟନ କରେ, କିମ୍ବା ସେହି ବ୍ୟକ୍ତିଙ୍କ ଶ୍ରେୟକୁ ଅବମୂଲ୍ୟନ କରେ, କିମ୍ବା ଏହା ବିଶ୍ୱାସ କରାଏ ଯେ, ସେହି ବ୍ୟକ୍ତିଙ୍କ ଶରୀର ଏକ ଘୃଣ୍ୟ ଅବସ୍ଥାରେ ଅଛି, କିମ୍ବା ସାଧାରଣତଃ ଅପମାନଜନକ  ଅବସ୍ଥାରେ ରହିଛି ।

ଅଭିଯୋଗର ପଠନ ପରେ, ଆଇପିସିର ଧାରା 500 ଅନୁଯାୟୀ ଦଣ୍ଡନୀୟ ମାନହାନି ଅପରାଧ ଗଠନ କରୁଥିବା କୌଣସି ଅଭିଯୋଗ ନାହିଁ । ପତ୍ରିକାର ବିଷୟବସ୍ତୁକୁ ମାରୱାଡ଼ି ସମ୍ପ୍ରଦାୟ ବିରୁଦ୍ଧରେ ମାନହାନିକର ବୋଲି ଅଭିଯୋଗ କରାଯାଇଛି, ଯାହା ତାଙ୍କୁ ସାଧାରଣ ଲୋକଙ୍କର ମତରେ ଅବମୂଲ୍ୟନ କରିଥାଏ କିମ୍ବା ସମାଜରେ ତାଙ୍କର ଖ୍ୟାତିକୁ କମାଇଥାଏ । "କିନ୍ତୁ ଆମେ ଅଭିଯୋଗରେ କୌଣସି ଦୋଷାରୋପ ପାଇନାହୁଁ । ତଦନୁସାରେ, ଆମେ ଧରି ନେଉଛୁ ଯେ, ପୁଣେର ନ୍ୟାୟାଳୟ ସଂଖ୍ୟା 4 ରେ ପ୍ରଥମ ଶ୍ରେଣୀର ନ୍ୟାୟିକ ଦଣ୍ଡାଧିକାରୀଙ୍କ ନ୍ୟାୟାଳୟରେ ଦାୟର କରାଯାଇଥିବା ଅଭିଯୋଗରେ ଧାରା 499 ରେ ପରିଭାଷିତ କରାଯାଇଛି ଏବଂ ଧାରା 500 ଅନୁଯାୟୀ ଦଣ୍ଡନୀୟ ଅପରାଧ ଗଠନ କରିବା ପାଇଁ କୌଣସି ଅଭିଯୋଗ ନାହିଁ । ଫଳସ୍ୱରୂପ ଆବେଦନକାରୀଙ୍କ ବିରୋଧରେ ପ୍ରକ୍ରିୟା ଜାରି କରିବାରେ ଦଣ୍ଡାଧିକାରୀ ନ୍ୟାୟସଙ୍ଗତ ନଥିଲେ । ତଦନୁସାରେ ଅଭିଯୋଗକୁ ନାକଚ କରାଯାଉଛି ।

ନାସିକର ପ୍ରଥମ ଶ୍ରେଣୀର ନ୍ୟାୟିକ ଦଣ୍ଡାଧିକାରୀଙ୍କ ନ୍ୟାୟାଳୟରେ ଦାଖଲ ହୋଇଥିବା ଅଭିଯୋଗରେ ଆବେଦନକାରୀଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯୋଗ ସମ୍ପର୍କରେ, ଅଭିଯୋଗ ପଢିବା ପରେ ଆମେ ଭାବୁନାହୁଁ ଯେ, ଏହି ପର୍ଯ୍ୟାୟରେ ଆମେ ସେହି ଅଭିଯୋଗକୁ ନାକଚ କରିବା ପାଇଁ ଯଥାର୍ଥ ହେବୁ । ଏହି ପର୍ଯ୍ୟାୟରେ ବିବୃତି କିମ୍ବା ସାକ୍ଷ୍ୟର ପରିସର ଏବଂ ଅର୍ଥକୁ ତର୍ଜମା କରିବା ଏହି ନ୍ୟାୟାଳୟଙ୍କର ଅଧିକାର ନୁହେଁ । କିଛି ଅଭିଯୋଗ ଆଗତ ହୋଇଥିଲା କିନ୍ତୁ ଏହି ଅଭିଯୋଗଗୁଡ଼ିକ ମାରୱାଡ଼ି ସମ୍ପ୍ରଦାୟକୁ ଏକ ବ୍ୟବସାୟୀ ଶ୍ରେଣୀ ଭାବରେ ମାନହାନି କରେ କି ନାହିଁ ଏବଂ ସମ୍ପ୍ରଦାୟ ମଧ୍ୟରେ ସାଧାରଣ ଭାବନାର ଉଦାହରଣ ଭାବରେ ଏହାକୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ, ଆବେଦନକାରୀଙ୍କ ଥିଲା

କି ନାହିଁ ଏବଂ ଆବେଦନକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତାଙ୍କ ଦ୍ୱାରା ଯୁକ୍ତି କରାଯିବା ପରିପ୍ରେକ୍ଷୀରେ ଉକ୍ତ ବିବୃତି ଦିଆଯାଇଛି କି ନାହିଁ, ଏସବୁ ବିଷୟ ପରବର୍ତ୍ତୀ ପର୍ଯ୍ୟାୟରେ ବିଜ୍ଞ ଦଣ୍ଡାଧିକାରୀଙ୍କ ଦ୍ୱାରା ବିଚାର କରାଯିବା ଉଚିତ । ଏହି ପର୍ଯ୍ୟାୟରେ, ଆମେ ସାକ୍ଷ୍ୟକୁ ତର୍ଜମା କରିବା, ଆରମ୍ଭ କରିପାରିବୁ ନାହିଁ ଏବଂ ଅଭିଯୋଗରେ କରାଯାଇଥିବା ଦୋଷାରୋପ, ଧାରା 500 ଅନୁଯାୟୀ ଦଣ୍ଡନୀୟ ଅପରାଧ ବୋଲି ବିବେଚନା କରିବା ପାଇଁ କୌଣସି ଉପସଂହାରରେ ପହଞ୍ଚିପାରିବୁ ନାହିଁ । ଏହା ସ୍ଥିରୀକୃତ  ଆଇନଗତ ସ୍ଥିତି ଯେ, ଏକ ନ୍ୟାୟାଳୟ ସମ୍ପୂର୍ଣ୍ଣ ଅଭିଯୋଗକୁ ପଢ଼ିବେ ଏବଂ ଆମର ପ୍ରକାଶିତ ଅଭିଯୋଗଗୁଡ଼ିକ ଧାରା 499 ଅନୁଯାୟୀ ଏକ ଅପରାଧ କି ନାହିଁ ତାହା ଦଣ୍ଡାଧିକାରୀଙ୍କ ଦ୍ୱାରା ବିଚାରଯୋଗ୍ୟ କି ନାହିଁ ତାହା ନିର୍ଣ୍ଣୟ କରିବେ । ନ୍ୟାୟାଧିକରଣ ପ୍ରଥମ ଦୃଷ୍ଟିଗତରେ ଏହି ଉପସଂହାରରେ ପହଞ୍ଚିଲେ ଯେ, ଅଭିଯୋଗଗୁଡ଼ିକ ଆଇପିସିର ଧାରା 499 ଅନୁଯାୟୀ 'ମାନହାନି'ର ସଂଜ୍ଞା ମଧ୍ୟରେ ଆସିପାରେ ଏବଂ ଏହାର ସଜ୍ଞାନ ନିଆଯାଇପାରିବ । କିନ୍ତୁ ଏଗୁଡ଼ିକ ହେଉଛି ବିଚାରରେ ପ୍ରତିଷ୍ଠିତ ହେବାକୁ ଥିବା ତଥ୍ୟ । ଆବେଦନକାରୀଙ୍କ ଦ୍ୱାରା ଉପସ୍ଥାପିତ ମାମଲା କୌଣସି ପ୍ରକାର ପ୍ରତିରକ୍ଷା ଗ୍ରହଣ କରିବାକୁ ଉନ୍ମୁକ୍ତ ଅଟେ କିମ୍ବା ଆଇନ ଦ୍ୱାରା ଜଣାଥିବା ଯେକୌଣସି ପର୍ଯ୍ୟାୟରେ ବିଚାର ସମୟରେ ଅଭିଯୋଗ ଗଠନ କରିବାର ଅନ୍ୟ ପଦକ୍ଷେପ ଅଟେ । ପ୍ରଥମ ଦୃଷ୍ଟିଗତ ଭାବରେ ଆମେ ଭାବୁଛୁ ଯେ, ଏହି ପର୍ଯ୍ୟାୟରେ ଏହା ନାସିକର ପ୍ରଥମ ଶ୍ରେଣୀର ନ୍ୟାୟିକ ଦଣ୍ଡାଧିକାରୀଙ୍କ ନ୍ୟାୟାଳୟରେ ଦାୟର ଅଭିଯୋଗକୁ ନାକଚ କରିବାର ଯୁକ୍ତିଯୁକ୍ତ ମାମଲା ନୁହେଁ । ଏହି ପରିପ୍ରେକ୍ଷୀରେ, ଆଇପିସି ର ଧାରା 500 ଅନୁଯାୟୀ ଅଭିଯୋଗକୁ ନାକଚ କରିବାକୁ ପ୍ରତ୍ୟାଖ୍ୟାନ କରିବାରେ ଉଚ୍ଚ ନ୍ୟାୟାଳୟ ସଠିକ ଥିଲେ ।

ତଦନୁସାରେ ଆବେଦନକୁ ଆଂଶିକ ଭାବରେ ଅନୁମତି ଦିଆଯାଇଛି ।

ଜି.ଏନ୍.                                                          ଆବେଦନକୁ ଆଂଶିକ ଭାବେ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।

"**ଅନୁବାଦିକା**

**ସଙ୍ଗୀତା ସେନାପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**